# NATIONAL NEWS BULLETIN (ODIA)

**11 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନିଟ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ।

- ରାଜ୍ୟସଭାରେ ଉପସ୍ଥାପନ ହେଲା ୩ଟି ମନ୍ତ୍ରଣାଳୟର ସଂସଦୀୟ କମିଟି ରିପୋର୍ଟ ।

- କୃଷକଙ୍କୁ ତ୍ୱରିତ ଲାଭ ହସ୍ତାନ୍ତରଣ ଲାଗି ଏପର୍ଯ୍ୟନ୍ତ ୧୦କୋଟି ୩୩ଲକ୍ଷରୁ ଅଧିକ ପରିଚୟପତ୍ର ପ୍ରଦାନ କରାଯାଇଥିବା ଲୋକସଭାରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

- ପିଏମ୍ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ ଲାଭାନ୍ୱିତ ହୋଇଛନ୍ତି ୫୦ ଲକ୍ଷରୁ ଅଧିକ ପରିବାର ।

- ୟୁକ୍ରେନ ଉପରେ ରୁଷର ସାନି ଆକ୍ରମଣରେ ୯ଜଣଙ୍କ ମୃତ୍ୟୁ ।

ଏବଂ

- ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଓଡ଼ିଶାକୁ ପାଣିପାଗ ବିଭାଗର ସତର୍କ ସୂଚନା ।

---

## ଏଲ୍ଏସ୍-ଆର୍ଏସ୍-ଆଡଜର୍ଣ୍ଣଡ

ନିଟ୍ ଘଟଣାରେ ପ୍ରତିବାଦକାରୀ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଦଳ ଗୁଡ଼ିକ ପକ୍ଷରୁ

ହଙ୍ଗୋଳ ଜାରି ରହିବାରୁ ସଂସଦର ଉଭୟ ସଦନକୁ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

ଆଜି ପୂର୍ବାହ୍ନ ୧୧ଟାବେଳେ ଲୋକସଭାର ଅଧିବେଶନ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଉଦ୍ୟମ କରିଥିଲେ । କିନ୍ତୁ ବିରୋଧୀଦଳ ସଦସ୍ୟମାନେ ହଙ୍ଗୋଳ ଜାରି ରଖିଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୃହରେ ମନ୍ତବ୍ୟ ରଖିବା ଲାଗି ସେମାନେ ଦାବି କରିଥିଲେ । ବାଚସ୍ପତି ଓମ୍ ବିର୍ଲା କହିଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟ ଉପସ୍ଥାପନ କରିବା ବିଷୟ ସ୍ପଷ୍ଟ କରିସାରିଛନ୍ତି । ଶ୍ରୀ ବିର୍ଲା ବିରୋଧୀ ସଦସ୍ୟମାନଙ୍କୁ ଗୃହ ପରିଚାଳନାରେ ସହଯୋଗ ଲାଗି ଆହ୍ୱାନ ଦେଇଥିଲେ । ବାଚସ୍ପତି କହିଥିଲେ ପ୍ରଶ୍ନକାଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏଥିରେ ସରକାରଙ୍କ ଉତ୍ତରଦାୟିତ୍ୱ ନିଶ୍ଚିତ କରାଯାଇଥାଏ । ସେ କହିଥିଲେ ଗୃହମଧ୍ୟକୁ ପ୍ଲା-କାର୍ଡ ଏବଂ ବ୍ୟାନର ଆଣିବା ସଂସଦୀୟ ପରମ୍ପରାର ବିରୋଧୀ ।

**V/O (Omm Birla)**

ବିରୋଧୀଙ୍କ ହଙ୍ଗୋଳ ଯୋଗୁଁ ଗୃହକାର୍ଯ୍ୟ ବାରମ୍ବାର ବନ୍ଦ ହେଉଥିବାରୁ ସେ ବ୍ୟକ୍ତିଗତ ଭାବେ ଦୁଃଖିତ ବୋଲି ବାଚସ୍ପତି କହିଛନ୍ତି । ସେ କହିଛନ୍ତି ଲୋକସଭାରେ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଗୁଡ଼ିକ ଆଲୋଚନା ପାଇଁ ସ୍ଥିରିକୃତ ହୋଇଥିଲେ ମଧ୍ୟ ଗୃହ ମୁଲତବୀ ରହିବା ଯୋଗୁଁ ତାହା ସମ୍ଭବ ହୋଇ ପାରୁନାହିଁ । ତେବେ ବିରୋଧୀଙ୍କ ହଙ୍ଗୋଳ ଜାରି

ରହିବାରୁ ଶ୍ରୀ ବିର୍ଲା ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଆଜି ସମାନ ପରିସ୍ଥିତି ଉପୁଜିଥିଲା । ଫଳରେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ସମ୍ମିଳିତ ହେବା ପରେ ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଘୋଷଣା କରିଥିଲେ । ତେବେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ଆରମ୍ଭ କରିବାରୁ ତାହା ସମ୍ଭବ ହୋଇନଥିଲା । ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ ସମୁଦ୍ରକୂଳ ପବନ ଶକ୍ତିର ବିକାଶ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାଲାଗି ଚେଷ୍ଟା କରିଥିଲେ । ପରିସ୍ଥିତିରେ ପରିବର୍ତ୍ତନ ନ ହେବାରୁ ଅଧ୍ୟକ୍ଷ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଆଜି ରାଜ୍ୟସଭା ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବା ମାତ୍ରେ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ଓ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ସଂସଦୀୟ କମିଟି ରିପୋର୍ଟ ଉପସ୍ଥାପନ ହୋଇଥିଲା । ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଶୂନ୍ୟକାଳ ପାଇଁ ଘୋଷଣା କରିଥିଲେ । ତେବେ କେବଳ ବିଜେଡି ସାଂସଦ ଡକ୍ଟର ସଂତୃପ୍ତ ମିଶ୍ର କେତେକ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ ପ୍ରଥମେ ଗୃହକୁ ଅଧ୍ୟକ୍ଷ ମଧ୍ୟାହ୍ନ ୧୨ଟା ଯାଏଁ ମୁଲତବୀ ରଖିଥିଲେ ।

# ପାର୍ଲ୍ୟାମେଣ୍ଟ ରିଆକ୍ସନ

ଝାଡ଼ଖଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିବାଦ ସ୍ୱରୂପ ସଂସଦ ପରିସରରେ ଆଜି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ପକ୍ଷରୁ ପଦଯାତ୍ରା କରାଯାଇଛି । ସାଂସଦମାନେ ପ୍ଲା-କାର୍ଡ ପ୍ରଦର୍ଶନ କରି ବିରୋଧୀମାନେ ଆଲୋଚନା ଚାହୁଁନଥିବା ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଛାତ୍ର ପ୍ରତିବାଦ ନେଇ ଗୃହରେ ବକ୍ତବ୍ୟ ରଖିବା ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିରୋଧୀଦଳ ସଦସ୍ୟମାନେ ବିରୋଧ ଜାରି ରଖିଛନ୍ତି । ଆଜି ଏନ୍‌ଡିଏ ସଂସଦୀୟ ବୈଠକ ମଙ୍ଗଳ ମିଳନ ପରେ ସଂସଦ ପରିସରରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।

କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ବିରୋଧୀଦଳ ସଦସ୍ୟମାନେ ଜାଣିଶୁଣି ସଂସଦର କାର୍ଯ୍ୟଧାରା ବ୍ୟାହତ କରୁଥିବା ଅଭିଯୋଗ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ବିରୋଧୀଦଳ ଗୁଡ଼ିକ ମୌସୁମୀ ଅଧିବେଶନ ଆରମ୍ଭରେ ପ୍ରଶ୍ନପତ୍ର ପ୍ରଘଟ ନେଇ ସ୍ୱର ଉତ୍ତୋଳନ କରିବା ପରେ ସରକାର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସମ୍ପର୍କିତ ଦାବି ଗ୍ରହଣ କରିନେଇଥିଲେ । ତେବେ ଏସବୁ ପରେ ମଧ୍ୟ ବିରୋଧୀଦଳ ଆଲୋଚନା ପାଇଁ ରାଜି ନ ହେବା ଗ୍ରହଣୀୟ ନୁହେଁ ।

କେନ୍ଦ୍ରମନ୍ତ୍ରୀ ତଥା ରାଞ୍ଚିର ବିଜେପି ସାଂସଦ ସଂଜୟ ସେଠ୍ କହିଛନ୍ତି ଆଜି ସମ୍ପୂର୍ଣ୍ଣ ଝାଡ଼ଖଣ୍ଡ ବନ୍ଦ ରହିଛି । ସଂସଦ ପରିସରରେ ଆକାଶବାଣୀ ସମାଚାରକୁ ଶ୍ରୀ ସେଠ୍ କହିଛନ୍ତି ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱାଧୀନ

ଝାଡ଼ଖଣ୍ଡ ସରକାର ପ୍ରତିବାଦକାରୀ ଛାତ୍ରଛାତ୍ରୀଙ୍କ ଉପରେ ବଳ ପ୍ରୟୋଗ କରି ସେମାନଙ୍କ ଦାବିକୁ ଚାପିଦେବା ପାଇଁ ଉଦ୍ୟମ କରୁଛନ୍ତି । ଏହି ଘଟଣାରେ ହେମନ୍ତ ସୋରେନ୍‌ଙ୍କ ଅସମ୍ବେଦନଶୀଳତାକୁ ସେ ସମାଲୋଚନା କରିଛନ୍ତି ।

ବିଜେପି ସାଧାରଣ ସଚିବ ତଥା ରାଜ୍ୟସଭା ସାଂସଦ ତରୁଣ ଚୁଗ୍, ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କ ପ୍ରତିବାଦ ଘଟଣାରେ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଝାଡ଼ଖଣ୍ଡରେ ପ୍ରତିବାଦକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଦୁର୍ଭାଗ୍ୟଜନକ । ଦେଶ ଏହା ସହ୍ୟ କରିବ ନାହିଁ ବୋଲି ସେ କହିଛନ୍ତି ।

ନୂଆଦିଲ୍ଲୀର ବିଜେପି ସାଂସଦ ବାଂଶୁରୀ ସ୍ୱରାଜ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ଗୃହକାର୍ଯ୍ୟ ଚଳାଇ ନଦେବା ରାଜନୀତିରେ ଦୋମୁହାଁନୀତିର ପରିଚାୟକ ବୋଲି କହିଛନ୍ତି । ଗୋଟିଏ ପଟେ ରାହୁଲ ଗାନ୍ଧୀ ସରକାରଙ୍କ ଠାରୁ ଉତ୍ତର ଦାବି କରୁଥିବାବେଳେ ଅନ୍ୟପଟରେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି ।

## ଏଲ୍‌ଏସ୍-ଫାର୍ମର ଆଇଡି

ଦେଶରେ ଏପର୍ଯ୍ୟନ୍ତ ୧୦କୋଟି ୩୩ଲକ୍ଷରୁ ଅଧିକ କୃଷକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନାରେ ଏହା ସହାୟକ ହୋଇଛି । ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି

ଯୋଜନା, ଫସଲବୀମା ଯୋଜନା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ଆଧାରିତ ଅର୍ଥ ହସ୍ତାନ୍ତରଣ ଓ ବିପର୍ଯ୍ୟୟ କ୍ଷେତ୍ରରେ ରିଲିଫ ପ୍ରଦାନ ବ୍ୟବସ୍ଥା ସହଜ ଓ ତ୍ୱରାନିତ ହୋଇପାରିଛି । ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର କହିଛନ୍ତି କୃଷକମାନେ ସେମାନଙ୍କ ମୋବାଇଲ ଫୋନ୍ ବ୍ୟବହାର କରି କୃଷକ ଚିହ୍ନଟପତ୍ର ପାଇଁ ପଞ୍ଜିକରଣ କରିପାରିବେ । ସେ କହିଛନ୍ତି ଏହି ପଦକ୍ଷେପ ଦ୍ୱାରା ଡିଜିଟାଲ କୃଷି ମିଶନ ଏବଂ ଅନ୍ୟାନ୍ୟ କୃଷକ କୈନ୍ଦ୍ରିକ ଡିଜିଟାଲ ସେବା କ୍ଷେତ୍ରରେ କୃଷକମାନେ ଲାଭାନ୍ୱିତ ହୋଇପାରିବେ ।

## ଏଲ୍ଏସ୍-ପିଏମ୍ ସୂର୍ଯ୍ୟଘର

୨୦୨୪ ମସିହା ଫେବୃୟାରୀ ମାସରୁ ଦେଶରେ ଲାଗୁ ହୋଇଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାରେ ଏପର୍ଯ୍ୟନ୍ତ ୫୦ଲକ୍ଷରୁ ଅଧିକ ପରିବାର ଲାଭାନ୍ୱିତ ହୋଇଥିବା କେନ୍ଦ୍ର ସରକାର କହିଛନ୍ତି । ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଏପର୍ଯ୍ୟନ୍ତ ଏହି ଯୋଜନାରେ କେନ୍ଦ୍ରୀୟ ଆର୍ଥିକ ସହାୟତା ସ୍ୱରୂପ ୨୮ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ମନ୍ତ୍ରୀ କହିଛନ୍ତି ୨୦୨୫-୨୬ ବର୍ଷରେ ଏହି ଯୋଜନାରେ ବଜେଟ୍ ଆବଣ୍ଟନ ପରିମାଣ ୧୭ହଜାର କୋଟି ଟଙ୍କା ହୋଇଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଆବଣ୍ଟନ ପରିମାଣ ୨୨ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

ଯୋଜନା ଅଧୀନରେ ଚଳିତବର୍ଷ ଜୁଲାଇ ପର୍ଯ୍ୟନ୍ତ ୧୪ ଦଶମିକ ୬/୫ ଗିଗାଓ୍ୱାଟ୍ ସୌରଶକ୍ତି ଉତ୍ପାଦନ ହୋଇଥିବା ମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଭାରତ' ଆଗାମୀ ୨୦୩୦ ମସିହା ସୁଦ୍ଧା ଅଣଜୀବାଷ୍ମ ଇନ୍ଧନ ଆଧାରିତ ଶକ୍ତି ଉତ୍ପାଦନ କ୍ଷମତା ୫୦୦ ଗିଗାଓ୍ୱାଟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ସ୍ଥିର କରିଛି ।

## ରୁଷ୍-ୟୁକ୍ରେନ ଷ୍ଟ୍ରାଇକ୍

ୟୁକ୍ରେନ ଉପରେ ରୁଷ୍ ପକ୍ଷରୁ ରାତିଅଧିଆ ଆକ୍ରମଣରେ ୯ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ରୁ ଅଧିକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଜାପୋରିଝାଝିଆରେ ୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୯ଜଣ ଆହତ ହୋଇଥିବା ସେଠାକାର ଆଞ୍ଚଳିକ ପ୍ରଶାସକ କହିଛନ୍ତି । ରୁଷ୍ ପକ୍ଷରୁ ରକେଟ୍ ଏବଂ ବୋମାମାଡ଼ କରାଯାଇଥିବା ଜଣାପଡିଛି । କିଭ୍‌ରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଛି । ଇତିମଧ୍ୟରେ ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ କିଭ୍ ଏବଂ ଜାପୋରିଝାଝିଆ ଅଞ୍ଚଳରେ ପ୍ରତିରକ୍ଷା, ଶିଳ୍ପ ଓ ପରିବହନ ସ୍ଥଳୀ ଉପରେ ଆକ୍ରମଣ କରାଯାଇଥିବା ସ୍ପଷ୍ଟ କରିଛି । ୟୁକ୍ରେନ୍‌ର ୩୯୬ଟି ଡ୍ରୋନ୍‌କୁ ଅକାମୀ କରିଦିଆଯାଇଥିବା ସୂଚନା ମିଳିଛି ।

## ଏସ୍‌ସି-ମିସିଂ ପର୍ସନ କେସ୍

ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ଏତଲା ପଞ୍ଜୀକରଣ କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ସମ୍ପର୍କରେ ସ୍ପଷ୍ଟୀକରଣ

ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେକୌଣସି ବୟସ ଏବଂ ଲିଙ୍ଗ କ୍ଷେତ୍ରରେ ତୁରନ୍ତ ଏତଲା ପଞ୍ଜିକରଣ କରିବା ବାଧ୍ୟତାମୂଳକ । ବିଚାରପତି ଆଶାନୁଦ୍ଦିନ ଅମାନୁଲ୍ଲା ଏବଂ ଜଷ୍ଟିସ ଆର୍. ମହାଦେବନଙ୍କୁ ନେଇ ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟଶାସନ ସଚିବ ଏବଂ ପୁଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ପାଳନର ଅବହେଳା ଲାଗି କୋର୍ଟରେ ହାଜର ହୋଇ ପକ୍ଷ ରଖିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୫ ତାରିଖରେ ହେବ ।

## ଏସ୍‌ସି ଅପିଲ୍ସ

ସର୍ବୋଚ୍ଚ ନ୍ୟାୟାଳୟ ପଶ୍ଚିମବଙ୍ଗର ସ୍ୱତନ୍ତ୍ର ସଘନ ଭୋଟରତାଲିକା ସଂଶୋଧନରେ ନାମ ବାଦ୍ ଦେବା କ୍ଷେତ୍ରରେ ହୋଇଥିବା ଅଭିଯୋଗର ଟ୍ରିବ୍ୟୁନାଲ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେବାଲାଗି ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କଂଗ୍ରେସ ନେତା ଅଧିର ରଞ୍ଜନ ଚୌଧୁରୀଙ୍କ ଦ୍ୱାରା ଆଗତ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସମୟଧାର୍ଯ୍ୟ କରାଯାଇଛି ।

## ଏଲ୍‌ଏସ୍-ଏଲ୍‌ନିନୋ

କେନ୍ଦ୍ର ସରକାର ଭାରତୀୟ ପାଣିପାଗ ବିଭାଗ ସହ ସମନ୍ୱୟ ରକ୍ଷା କରି ଦେଶରେ ମୌସୁମୀ ପରିସ୍ଥିତି ଏବଂ କୃଷିକ୍ଷେତ୍ର ଉପରେ ଏଲ୍-

ନିନୋର ପ୍ରଭାବ ଅନୁଧ୍ୟାନ କରୁଛନ୍ତି । ଲୋକସଭାରେ ଆଜି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଏକ ଲିଖିତ ଉତ୍ତରରେ କହିଛନ୍ତି ୧୫ଟି ରାଜ୍ୟର ୩୪୨ଟି ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇଥିବାରୁ ଜିଲ୍ଲା କୃଷି ସହାୟତା ଯୋଜନା ସମ୍ବନ୍ଧରେ ସମୀକ୍ଷା କରାଯାଉଛି । ଶ୍ରୀ ଠାକୁର କହିଛନ୍ତି ଭାରତୀୟ କୃଷି ଗବେଷଣା ପରିଷଦ ଏଲ୍-ନିନୋ ସମ୍ପର୍କିତ ପ୍ରଭାବ ଗୁଡ଼ିକ ବିଷୟରେ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ ଲାଗି ଆବଶ୍ୟକ ପରାମର୍ଶବଳୀ ଜାରି କରୁଛନ୍ତି । ମନ୍ତ୍ରୀ କହିଛନ୍ତି ରାଜ୍ୟଗୁଡ଼ିକ ପକ୍ଷରୁ ୧୭୨ଲକ୍ଷ କ୍ୱିଣ୍ଟାଲରୁ ଅଧିକ ବିହନ ଯୋଗାଇ ଦିଆଯାଇଛି । କେନ୍ଦ୍ରୀୟ ଜଳ ଆୟୋଗ ଏବଂ ରାଜ୍ୟ ସରକାରଗୁଡ଼ିକୁ ଜଳଭଣ୍ଡାରରେ ଥିବା ଜଳର ସୁ-ବିନିଯୋଗ ଉପରେ ଆଗୁଆ ଯୋଜନା କରିବାଲାଗି ନିର୍ଦ୍ଦେଶ ଦିଆଯାଇଛି ।

## ଆଇଏମ୍‌ଡି ଓ୍ୱେଦର

ଓଡ଼ିଶାରେ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ସୂଚନା ଅନୁଯାୟୀ ଆଣ୍ଡାମାନ୍ ନିକୋବର ଦ୍ୱୀପ, ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଓ ରାଜସ୍ଥାନରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଦେଶର ବିଭିନ୍ନ ଭାଗରେ ମଧ୍ୟ ବଜ୍ରପାତ ଓ ବର୍ଷା ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।